

# କିଏ ଏହି ସୁଭଦ୍ରା ?

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

**ସା**ଧାରଣ ଅର୍ଥରେ ସୁଭଦ୍ରା ଶ୍ରୀବଳରାମ ଓ ଶ୍ରୀକୃଷ୍ଣଙ୍କର କନିଷ୍ଠା ଭଗ୍ନୀ ଏବଂ ଅର୍ଜୁନଙ୍କର ପତ୍ନୀ । ମାତ୍ର ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ସହ ଯେଉଁ ସୁଭଦ୍ରା ପୂଜା ପାଉଛନ୍ତି, ସେ ଅର୍ଜୁନଙ୍କ ପତ୍ନୀ ସୁଭଦ୍ରା ନୁହନ୍ତି ବୋଲି ବହୁ ପଣ୍ଡିତ ମତବ୍ୟକ୍ତ କରନ୍ତି । ତେବେ କିଏ ଏଇ ସୁଭଦ୍ରା ? ତାଙ୍କ ପ୍ରକୃତ ସ୍ୱରୂପ କ'ଣ ?

ସପ୍ତମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ ତଥା ରଚିତ ଶିଳାଲେଖ ଏବଂ ପୁସ୍ତକରେ ଜଗନ୍ନାଥ, ପୁରୁଷୋତ୍ତମ କ୍ଷେତ୍ରର ବର୍ଣ୍ଣନା ଦେଖିବାକୁ ମିଳିଥାଏ । କିନ୍ତୁ କୌଣସିଠାରେ ତ୍ରିମୂର୍ତ୍ତି ଅଥବା ବଳଭଦ୍ର ଓ ସୁଭଦ୍ରାଙ୍କ ନାମୋଲ୍ଲେଖ ନାହିଁ, ବରଂ ଜଗନ୍ନାଥଙ୍କ ବିଷୟରେ ଉଲ୍ଲେଖ ଅଛି । ଚୋଡ଼ଗଙ୍ଗ ଦେବ ସମ୍ଭବତଃ ୧୧୧୪-୧୫ ଖ୍ରୀଷ୍ଟାବ୍ଦରେ ଶ୍ରୀମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ । ସେତେବେଳେ ମଧ୍ୟ ଏହି ମନ୍ଦିରରେ ବଳଭଦ୍ର ବା ସୁଭଦ୍ରା ପୂଜା ପାଉନଥିଲେ, କାରଣ ସେସମୟର ଯେଉଁ ଅଭିଲେଖ ଅଛି ତହିଁରେ ମନ୍ଦିରର ଦେବତା ଶ୍ରୀଜଗନ୍ନାଥଙ୍କ ମହିମା ହିଁ ଗାନ କରାଯାଇଛି । ଐତିହାସିକମାନଙ୍କ ମତରେ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀ ବେଳକୁ ସୃଷ୍ଟି ହେଲା ତ୍ରିମୂର୍ତ୍ତି ତତ୍ତ୍ୱ ଯଥା- ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । ସ୍କନ୍ଦ ପୁରାଣ - ଉତ୍କଳ ଖଣ୍ଡରେ ସର୍ବପ୍ରଥମେ ସୁଭଦ୍ରାଙ୍କୁ ଭଗିନୀ ତଥା ସ୍ତ୍ରୀ ରୂପେ ଚିତ୍ରିତ କରାଯାଇଛି -

'ତସ୍ୟ ଶକ୍ତି ସ୍ୱରୂପେୟଂ ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା ।'

ଏହି ପୁରାଣରେ ସୁଭଦ୍ରା ଓ ଲକ୍ଷ୍ମୀ ଯେ ଏକ ଓ ଅଭିନ୍ନ ତାହା ପ୍ରତିପାଦିତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍କନ୍ଦ ପୁରାଣର ଆନୁମାନିକ ରଚନା ସମୟ ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀ । ଚୋଡ଼ଗଙ୍ଗ ଦେବ ତାଙ୍କ ଗୁରୁ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ମନ୍ଦିର ବେଢ଼ାରେ ଲକ୍ଷ୍ମୀଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରି ତାଙ୍କ ପୂଜା ବ୍ୟବସ୍ଥା କଲେ । ଏହି ଲକ୍ଷ୍ମୀ ଜଗନ୍ନାଥଙ୍କ ଶକ୍ତି ରୂପେ ପରିକଳ୍ପିତ ହେଲେ ।

୧୨୨୫ ଖ୍ରୀ:ଅ:ରେ ତୃତୀୟ ଅନଙ୍ଗଭୀମ ଦେବଙ୍କ ଅଭିଲେଖରେ ହଳୀ (ବଳରାମ), ଚକ୍ରୀ (ଜଗନ୍ନାଥ) ଓ ସୁଭଦ୍ରାଙ୍କ ବିଷୟରେ ଉଲ୍ଲେଖ ଅଛି । ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ କୋଣାର୍କ ମନ୍ଦିର ଗାତ୍ରରେ କୃଷ୍ଣ (ଜଗନ୍ନାଥ), ଶିବ (ବଳଭଦ୍ର) ଓ ଦୁର୍ଗା (ସୁଭଦ୍ରା)ଙ୍କ ମୂର୍ତ୍ତି ଦେଖିବାକୁ ମିଳେ ।

ଏତଦ୍‌ବ୍ୟତୀତ ଯେତେବେଳେ ବାସୁଦେବ ଉପାସନା ଓଡ଼ିଶାରେ ଲୋକପ୍ରିୟ ହୋଇ ଉଠିଥିଲା, ସେତେବେଳେ ବାସୁଦେବ (ଶ୍ରୀଜଗନ୍ନାଥ), ଶଙ୍କର୍ଷଣ (ଶ୍ରୀବଳରାମ) ଏବଂ ଏକାନଂଶା (ଦେବୀ ସୁଭଦ୍ରା) ହୋଇଥିଲେ ତ୍ରିଦେବତା ।

ବିଶିଷ୍ଟ ଐତିହାସିକ ତଥା ଗବେଷକ ଅଧ୍ୟାପକ ପ୍ରଭାତ ମୁଖାର୍ଜୀଙ୍କ ମତରେ ସୁଭଦ୍ରା ହେଉଛନ୍ତି ଏକାନଂଶାଙ୍କ ଅଂଶବିଶେଷ । ତାଙ୍କ ମତରେ କୌଣସି ପ୍ରାଚୀନ ଧର୍ମଗ୍ରନ୍ଥ ବା ପୁରାଣମାନଙ୍କରେ ସୁଭଦ୍ରାଙ୍କ ନାମ ଉଲ୍ଲେଖ ନାହିଁ । ସର୍ବପ୍ରଥମେ ସୁଭଦ୍ରାଙ୍କ ବିଷୟରେ ବର୍ଣ୍ଣନା ଆମେ ବରାହମିହିରଙ୍କ ଦ୍ୱାରା ରଚିତ 'ବୃହତ୍ ସଂହିତା'ରେ ପାଇଥାଉ । ଏହି 'ବୃହତ୍ ସଂହିତା'ର ରଚନାକାଳ ପ୍ରାୟ ପଞ୍ଚମ ଶତାବ୍ଦୀ ହେବ । 'ବୃହତ୍ ସଂହିତା'ରେ ଯେଉଁ ଏକାନଂଶାଙ୍କର ବର୍ଣ୍ଣନା ଅଛି ସେହି ସୁଭଦ୍ରାଙ୍କ ଆଦିରୂପ -

'ଏକାନଂଶା କାର୍ଯ୍ୟା ଦେବୀ ବଳଦେବ କୃଷ୍ଣୟୋମଧ୍ୟେ
କଟି ସଂସ୍ଥିତ-ବାମକର, ସରୋଦମିତରେଣ ଚୋଦ୍‌ବହତୀ ।'

ଅଧ୍ୟାପକ ପ୍ରଭାତ କୁମାର ମୁଖାର୍ଜୀଙ୍କ ମତରେ ଗୁପ୍ତଯୁଗୀୟ ବୈଷ୍ଣବଧର୍ମରେ ଯେତେବେଳେ ଶକ୍ତିବାଦର ବିକାଶ ଘଟିଲା, ସେତେବେଳେ ଏହି ଏକାନଂଶା ଶକ୍ତି ସ୍ୱରୂପିଣୀ ଭାବେ ଚିତ୍ରିତା ହେଲେ । ପରେ ସାଂଖ୍ୟ ଦର୍ଶନର ପ୍ରକୃତି ପୁରୁଷ ତତ୍ତ୍ୱକୁ ଆଧାର କରି ଅବତାର ସହ ଶକ୍ତିଙ୍କୁ ସମାବେଶ କରାଗଲା । ଜଗନ୍ନାଥଙ୍କୁ କୃଷ୍ଣ ଓ ବଳଭଦ୍ରଙ୍କୁ ବଳଦେବ ରୂପେ ଗ୍ରହଣ କରାଯାଇଥିବାବେଳେ ସୁଭଦ୍ରାଙ୍କୁ ଶକ୍ତିରୂପମାନଙ୍କ ସହ ସଂଯୁକ୍ତ କରାଯାଇଛି । ଏହିପରି ଭାବେ ପ୍ରଥମେ ଭଗିନୀ ରୂପେ ପରିକଳ୍ପିତ ସୁଭଦ୍ରା ପରେ ଶକ୍ତି ରୂପେ ପ୍ରବର୍ତ୍ତିତା ହୋଇଛନ୍ତି ।

କେହି କେହି ଆଲୋଚକ ଜଗନ୍ନାଥଙ୍କଠାରେ ବୁଦ୍ଧତ୍ୱ ଆରୋପ କରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଯଥାକ୍ରମେ ବୁଦ୍ଧ, ସଂଘ ଏବଂ ଧର୍ମର ପ୍ରତୀକ ରୂପେ ବିବେଚନା କରନ୍ତି । ଶ୍ରୀଜଗନ୍ନାଥଙ୍କ ନିକଟରେ ଭଉଣୀ ସୁଭଦ୍ରାଙ୍କ ପୂଜା ବୌଦ୍ଧ ତାନ୍ତ୍ରିକ ପରମ୍ପରାର ଏକ ଅଂଶବିଶେଷ ଅଟେ ବୋଲି ବହୁ ଆଲୋଚକ ମତବ୍ୟକ୍ତ କରିଛନ୍ତି ।

ସାରଳା ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁ, ବଳଭଦ୍ରଙ୍କୁ ଶିବ ଓ ସୁଭଦ୍ରାଙ୍କୁ ବ୍ରହ୍ମା ରୂପେ ବର୍ଣ୍ଣନା କରାଯାଇଛି । ବ୍ରହ୍ମାଙ୍କୁ ଶକ୍ତି ରୂପେ ପରିକଳ୍ପନା କରାଯାଇଛି । ସମ୍ଭବତଃ ଏହି କାରଣରୁ କୋଣାର୍କ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର (ଶିବ) ଓ ସୁଭଦ୍ରାଙ୍କ ପରିବର୍ତ୍ତେ ଦୁର୍ଗା ସ୍ଥାନ ପାଇଛନ୍ତି ।

ବ୍ରହ୍ମା କିପରି ସୁଭଦ୍ରା ରୂପେ ପୂଜା ପାଇଲେ, ଏ ସମ୍ପର୍କରେ ପୁରାଣମାନଙ୍କରେ ବହୁ ଚମତ୍କାର ବର୍ଣ୍ଣନା ଦେଖିବାକୁ ମିଳେ । ସୃଷ୍ଟି ପ୍ରାରମ୍ଭରେ ଯୋଗମାୟାଙ୍କଠାରୁ ବ୍ରହ୍ମା, ବିଷ୍ଣୁ ଓ ଶିବ ଜନ୍ମଲାଭ କରିଥିଲେ । ମାତ୍ର ନୂତନ ସୃଷ୍ଟି ସର୍ଜନା ପାଇଁ ବ୍ରହ୍ମା ଯେତେବେଳେ ଅଗ୍ରସର ହୁଅନ୍ତି, ସେତେବେଳେ ଯୋଗମାୟା ବ୍ରହ୍ମାଙ୍କ ସହ ରତିକ୍ରୀଡ଼ା ଆରମ୍ଭ କରିବାକୁ ଇଚ୍ଛାପ୍ରକାଶ କରନ୍ତେ, ବ୍ରହ୍ମା କ୍ଷୁବ୍ଧ ହୋଇ ଯୋଗମାୟାଙ୍କୁ ନିନ୍ଦା କଲେ । ଫଳରେ ଯୋଗମାୟା କ୍ଷୁବ୍ଧ ହୋଇ ଅଭିଶାପ ଦେଲେ ଯେ ବ୍ରହ୍ମା ସ୍ତ୍ରୀ ରୂପେ ଜନ୍ମଗ୍ରହଣ କରିବେ । ଏହିପରି ଭାବେ ବ୍ରହ୍ମା ସୁଭଦ୍ରା ଭାବେ ପୂଜା ପାଇଲେ ।

ଅନ୍ୟ ଏକ ପୌରାଣିକ ଉପାଖ୍ୟାନ ଅନୁସାରେ ବ୍ରହ୍ମା ଶ୍ରୀକୃଷ୍ଣଙ୍କର ବତ୍ସା ଅପହରଣ କରିଥିବା ହେତୁ ଶ୍ରୀକୃଷ୍ଣ ଅଭିଶାପ ଦେଇ କହିଲେ ଯେ ବ୍ରହ୍ମା ଅପୂଜା ହୋଇ ରହିବେ । ବ୍ରହ୍ମା ଏଥିରେ ମର୍ମାହତ ହୋଇ ନିଜ ଦୋଷ ସ୍ୱୀକାର ପୂର୍ବକ କ୍ଷମା ପ୍ରାର୍ଥନା କରନ୍ତେ ଶ୍ରୀକୃଷ୍ଣ ସନ୍ତୁଷ୍ଟ ହୋଇ କହିଲେ ଯେ କଳିଯୁଗରେ ସେ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ରୂପେ ପୂଜିତ ହେଲାବେଳେ ବ୍ରହ୍ମା ସୁଭଦ୍ରା ରୂପେ ତାଙ୍କ ସହ ପୂଜା ପାଇବେ । ସାଧାରଣ ଲୋକ ତାଙ୍କୁ ଜଗନ୍ନାଥଙ୍କ ଭଉଣୀ ସୁଭଦ୍ରା ରୂପେ ପୂଜା କଲାବେଳେ ଶାସ୍ତ୍ରଜ୍ଞ ପଣ୍ଡିତ ତଥା ମୁନିଋଷିମାନେ ତାଙ୍କୁ ବ୍ରହ୍ମା ଓ ତାଙ୍କର ଶକ୍ତିକୁ ବ୍ରହ୍ମାଣି ବୋଲି ଉପଲବ୍ଧି କରି ପ୍ରଭାତରେ ଉପାସନା କରିବେ ।

ଅନ୍ୟ ଏକ ପୌରାଣିକ ତଥ୍ୟ ଏକ ଭିନ୍ନ ମତପୋଷଣ କରେ । ଦ୍ୱାପର ଯୁଗରେ ଥରେ ଅଷ୍ଟପାଟବଂଶୀ, ବୃନ୍ଦାଙ୍କଠାରୁ ଶ୍ରୀକୃଷ୍ଣ ଲୀଳା ଶ୍ରବଣ କରୁଥିବାବେଳେ ଅନ୍ତଃପୁରକୁ କେହି ଯେପରି ପ୍ରବେଶ ନକରି ପାରନ୍ତି, ସେଥିପାଇଁ ଦେବୀ ସୁଭଦ୍ରାଙ୍କୁ ଦ୍ୱାର ଜଗାଇଦେଲେ । ଏ ପ୍ରସଙ୍ଗ ବ୍ୟାଖ୍ୟାନ କଲାବେଳେ କୃଷ୍ଣ ଓ ବଳରାମଙ୍କ ଚିତ୍ତ ଆନ୍ଦୋଳିତ ହେଲା । ସେମାନେ ଶ୍ରୀରାଧାଙ୍କର ଭକ୍ତି ଓ ପ୍ରେମ କଥା ଶୁଣିବା ପାଇଁ ବ୍ୟାକୁଳ ହୁଅନ୍ତେ ସୁଭଦ୍ରା ଏଥିରେ ବାଧା ଦେଇ ଅନ୍ତଃପୁର ଆଡ଼କୁ ମୁଖକରି ଦୁଇ ଦୁଆରବନ୍ଧରେ ହାତ ରଖି ପଥ ଅବରୋଧ କଲେ । କୃଷ୍ଣ ଓ ବଳରାମ ବାଧ ହୋଇ ଅନ୍ତଃପୁର ଆଡ଼କୁ ମୁଖକରି ସୁଭଦ୍ରାଙ୍କ ଦୁଇ ପାର୍ଶ୍ୱରେ ନୀରବରେ ଦଣ୍ଡାୟମାନ ହୋଇ ବ୍ରଜଲୀଳା ଶ୍ରବଣ କଲେ । ଏହି ଲୀଳା ଶ୍ରବଣ କରୁଥିବାବେଳେ ଭାଇ ଭଉଣୀ ତିନି ଜଣଯାକ ମହାଭାବ ସମାଧିରେ ନିମଗ୍ନ ହୋଇଗଲେ । ସେମାନଙ୍କ କଳେବର ବିଗଳିତ ହେବାକୁ ଲାଗିଲା ଏବଂ ଚକ୍ଷୁ ବିସ୍ଫାରିତ ହୋଇଗଲା । ସେମାନଙ୍କର ମହାଭାବ ପ୍ରବଳ ହେବାରୁ ଭାଇଭଉଣୀ ତିନିଜଣଙ୍କର ହସ୍ତପଦ ସଙ୍କୁଚିତ ହୋଇଗଲା । ସୁଦର୍ଶନଚକ୍ର ମଧ୍ୟ ତରଳିଯାଇ ସ୍ତମ୍ଭାକୃତି ଧାରଣ କଲା । ଏହି ସମୟରେ ନାରଦ ବୀଣାବାଦନ ପୂର୍ବକ ସେଠାରେ ପହଞ୍ଚି ପ୍ରଭୁଙ୍କୁ ପୂର୍ବରୂପ ଧାରଣ କରିବା ପାଇଁ ନିବେଦନ କରିବା ସଂଗେସଂଗେ ଏପରି ଅପୂର୍ବ ଚତୁଃଷ୍ଟୟ ରୂପ ଜଗତ୍‌ବାସୀଙ୍କୁ ପ୍ରଦର୍ଶନ କରିବାକୁ ଶ୍ରୀକୃଷ୍ଣଙ୍କୁ ଅନୁରୋଧ ଜଣାଇଲେ । ନାରଦଙ୍କ ପ୍ରାର୍ଥନା ସ୍ୱୀକାର କରି ପ୍ରଭୁ କହିଲେ ଯେ ସେମାନେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଓ ସୁଦର୍ଶନ ଚକ୍ର-ଏହିପରି ଚତୁର୍ଦ୍ଧାମୂର୍ତ୍ତି ରୂପେ କଳିଯୁଗରେ ଶ୍ରୀମନ୍ଦିରରେ ପୂଜା ପାଇବେ ।

ତେବେ ସେ ଯାହା ହେଉନା କାହିଁକି, ଓଡ଼ିଶାରେ କୃଷ୍ଣ ଉପାସନାର ପ୍ରଭାବ ଫଳରେ ଗୌଡ଼ୀୟ-ବୈଷ୍ଣବମାନେ ସୁଭଦ୍ରାଙ୍କୁ ଶ୍ରୀରାଧାଙ୍କ ଅବତାର ରୂପେ ପରିକଳ୍ପନା କରିଛନ୍ତି । ଶିବ ଦାସ ସ୍ୱରଚିତ 'ରାଧା ରସାମୃତ' ଗୀତାରେ କହିଛନ୍ତି -

'ଜ୍ୟେଷ୍ଠ ବଳରାମ ଯେ କନିଷ୍ଠ ଜଗନ୍ନାଥ
ଯେଉଁ ରାଧା ସୁଭଦ୍ରାଟି ନାମ ତା'ର ଖ୍ୟାତ ।'

ଅପରପକ୍ଷରେ ଉତ୍କଳୀୟ ବୈଷ୍ଣବମାନେ ସୁଭଦ୍ରାଙ୍କୁ ଜଗନ୍ନାଥଙ୍କ ଭଉଣୀ ବା ସ୍ତ୍ରୀ ଭାବରେ ଗ୍ରହଣ କରିନାହାନ୍ତି । ସେମାନଙ୍କ ମତରେ ସୁଭଦ୍ରା ହେଉଛନ୍ତି ଲକ୍ଷ୍ମୀ ସ୍ୱରୂପିଣୀ, ବିଷ୍ଣୁରୂପା ତଥା ମହାଲକ୍ଷ୍ମୀ, 'ନୀଳାଦ୍ରି ମହୋଦୟ'ରେ ଏ ବିଷୟରେ ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

ଶ୍ରୀଜଗନ୍ନାଥ ଯେଉଁଳି ରହସ୍ୟମୟ, ସେହିପରି ଶ୍ରୀଜଗନ୍ନାଥଙ୍କ ଧର୍ମରେ ସୁଭଦ୍ରା ଅନ୍ୟ ଏକ ରହସ୍ୟ । ସମୟ ସ୍ରୋତ ଭିତରେ ବିଭିନ୍ନ ପର୍ଯ୍ୟାୟରେ ସୁଭଦ୍ରା ସ୍ତମ୍ଭେଶ୍ୱରୀ, ଯୋଗମାୟା, ଲକ୍ଷ୍ମୀ, ଶ୍ରୀରାଧା, ବ୍ରହ୍ମା, ବ୍ରହ୍ମସ୍ୱରୂପିଣୀ, ଆଦ୍ୟାଶକ୍ତି ମା' ଦୁର୍ଗା ତଥା ବୌଦ୍ଧ ତ୍ରିରତ୍ନର ପ୍ରତୀକ ରୂପେ ଚିତ୍ରିତା ହୋଇଛନ୍ତି ।

ଅନୁଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

■ ■ ■ ■ ■